# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 28th August – 2026

***********************************

## ମୁଖ୍ୟ ସମ୍ବାଦ

- ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତିରେ ୧ କୋଟି ୩ ଲକ୍ଷ ୨୬ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୫ ହଜାର କୋଟିରୁ ଅଧିକ ଟଙ୍କାର ସହାୟତା ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ ।

— ନୟାଗଡ଼ ଚିନି କାରଖାନାର ପୁନଃ କାର୍ଯ୍ୟକ୍ଷମ ନେଇ ଘୋଷଣା ।

- ପ୍ରଧାନମନ୍ତ୍ରୀ ମନ୍ତ୍ରୀ ଜନଧନ୍ ଯୋଜନାକୁ ପୂରିଲା ୧୨ ବର୍ଷ ।

— ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ନାଗରିକଙ୍କୁ ସଶକ୍ତ କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି; କହିଲେ ପ୍ରଧାନମନ୍ତ୍ରୀ ।

- ଭାରତର ପ୍ରାଚୀନ ଓ ସମୃଦ୍ଧ ଭାଷା ସଂସ୍କୃତିର ଗୌରବକୁ ସ୍ମରଣ କରିବାପାଇଁ ଶ୍ରାବଣ ପୂର୍ଣ୍ଣିମା ତିଥିରେ ଆଜି ପାଳିତ ହେଉଛି ବିଶ୍ୱ ସଂସ୍କୃତ ଦିବସ ।

ଏବଂ

- ପୁରୀ ଶ୍ରୀମନ୍ଦିରରେ ଗହ୍ମାପୂର୍ଣ୍ଣିମା ଅବସରରେ ମହାପ୍ରଭୁଙ୍କୁ ରାକ୍ଷୀ ଲାଗି ସହ ପ୍ରଭୁ ବଳଭଦ୍ରଙ୍କ ଜନ୍ମନୀତି ଅନୁଷ୍ଠିତ ହେବ ।

*Desk, Bhadrak/R*

# ସୁଭଦ୍ରା ଯୋଜନା

ଭାଇଭଉଣୀର ସମ୍ପର୍କକୁ ନିବିଡ଼ କରିବାରେ ରାକ୍ଷୀ ପୂର୍ଣ୍ଣମୀର ଭୂମିକା ଗୁରୁତ୍ୱପୂର୍ଣ୍ଣ । ରକ୍ଷା ବନ୍ଧନ ପରେ ଭଉଣୀର ସୁରକ୍ଷାପାଇଁ ଭାଇଟିଏ ପ୍ରତିବଦ୍ଧ ରହିଥାଏ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ନୟାଗଡ଼ ଜିଲ୍ଲା ଲାଠିପଡ଼ା ଟାଙ୍ଗି ପଡ଼ିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସୁଭଦ୍ରା ଯୋଜନା ପଞ୍ଚମ କିସ୍ତି ପ୍ରଦାନ ଅବସରରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରକ୍ଷାବନ୍ଧନର ଉପହାର ସଦୃଶ ଆଜି ରାଜ୍ୟର ସମସ୍ତ ସୁଭଦ୍ରା ଭଉଣୀମାନଙ୍କୁ ୫ ହଜାରରୁ ଅଧିକ କୋଟିର ଅର୍ଥରାଶି ଦିଆଯାଇଛି । ମା' ସୁଭଦ୍ରା ହେଉଛନ୍ତି ନାରୀଶକ୍ତି ଓ ଓଡ଼ିଆଙ୍କ ସ୍ୱାଭିମାନର ପ୍ରତୀକ । ରାଜ୍ୟର ପ୍ରତ୍ୟେକ ମହିଳାଙ୍କର ସୁରକ୍ଷା ଓ ସମ୍ମାନପାଇଁ ସରକାର ସଙ୍କଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।

***Voice (CM)*** :........

ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତିରେ ୧ କୋଟି ୩ ଲକ୍ଷ ୨୬ ହଜାର ୧୬୨ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାର ଅର୍ଥରାଶି ପ୍ରଦାନ କରାଯାଇଛି । ପ୍ରଥମ ଥରପାଇଁ ରାଜ୍ୟର ୨ ଲକ୍ଷ ୨୧ ହଜାର ୫୪ ଜଣ ମହିଳାଙ୍କୁ ସୁଭଦ୍ରା ଯୋଜନାର ସହାୟତା ରାଶି ପ୍ରଦାନ କରାଯାଇଛି । ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଏକକାଳୀନ ୫ଟି କିସ୍ତି ମିଳିଛି ।

ସୁଭଦ୍ରା ଅର୍ଥରାଶି ମହିଳାଙ୍କ ଦୀର୍ଘଦିନର ସ୍ୱପ୍ନ ସାକାର କରିବାରେ ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ସୁଭଦ୍ରା

ଅର୍ଥରାଶି ମହିଳାଙ୍କୁ କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା, ପିଲାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ପରିଚାଳନା ଏବଂ ଦୀର୍ଘମିଆଦି ଯୋଜନା ପ୍ରସ୍ତୁତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ । ମହିଳାଙ୍କୁ ସଶକ୍ତ କରିବା ସହ ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଭାରତ ଗଠନ ଦିଗରେ ସୁଭଦ୍ରା ଯୋଜନା ବିକାଶର ମୂଳପିଣ୍ଡ ହେବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି ।

***Voice (Pravati Parida)*** :........

ଭଦ୍ରକର ଜଣେ ସୁଭଦ୍ରା ଯୋଜନାର ଜଣେ ହିତାଧିକାରୀ ଶ୍ରଦ୍ଧାଞ୍ଜଳି ମିଶ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି :

***Voice (Sraddhanjali Mishra)*** :........

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ପୁରୀ ସାଂସଦ ଡାକ୍ତର ସମ୍ବିତ ପାତ୍ର, କନ୍ଧମାଳ ସାଂସଦ ସୁକାନ୍ତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

ରକ୍ଷାବନ୍ଧନ ତଥା ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ ଅବସରରେ ବାଚସ୍ପତି ସୁରମା ପାଢ଼ୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା’ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାକ୍ଷୀ ବାନ୍ଧିଛନ୍ତି ।

***Desk***

# ନୟାଗଡ଼ - ଚିନିକଳ

ସୁଭଦ୍ରା ଅର୍ଥରାଶି ପ୍ରଦାନ ଅବସରରେ ନୟାଗଡ଼ ଜିଲ୍ଲାରେ ବନ୍ଦ ପଡ଼ିଥିବା ଚିନିକଳର ପୁନଃ କାର୍ଯ୍ୟକ୍ଷମ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ରାଷ୍ଟ୍ରାୟତ୍ତ କମ୍ପାନୀଦ୍ୱାରା ଚିନିକଳ କାର୍ଯ୍ୟକ୍ଷମ ନେଇ ସହମତି ଜଣାଇଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ଏଥିସହ ନୟାଗଡ଼ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପକୁ ମଧ୍ୟ ମଞ୍ଜୁରି ମିଳିଛି । ଖୁବ୍‌ଶୀଘ୍ର ଏହି ଜଳସେଚନ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହେବ ବୋଲି ଶ୍ରୀ ମାଝୀ କହିଛନ୍ତି ।

***Desk***

# ଜନଧନ - ୧୨ ବର୍ଷ

ପ୍ରଧାନମନ୍ତ୍ରୀ ଜନଧନ୍ ଯୋଜନାକୁ ଆଜି ୧୨ ବର୍ଷ ପୂରଣ ହୋଇଛି । ଗତ ୧୨ବର୍ଷ ମଧ୍ୟରେ ଏହି ଯୋଜନା ଦେଶରେ ବ୍ୟାପକ  ପରିବର୍ତ୍ତନ ସହ ଅଭୂତପୂର୍ବ ସଫଳତା ହାସଲ କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି । ଏହି ଯୋଜନା ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ନାଗରିକମାନଙ୍କୁ ସଶକ୍ତ କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି ।

୨୦୧୪ ଅଗଷ୍ଟ ମାସ ୨୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପି.ଏମ୍. ଜନଧନ୍ ଯୋଜନାର ଶୁଭାରମ୍ଭ କରିଥିଲେ । ଅର୍ଥମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ ଏହି ଯୋଜନାରେ ୫୯ କୋଟି ୯ ଲକ୍ଷ ବ୍ୟାଙ୍କ୍ ଖାତା ଖୋଲାଯାଇଛି । ଏଥିରେ ୩ ଲକ୍ଷ ୧୬ ହଜାର କୋଟିରୁ ଅଧିକ ଟଙ୍କା ଜମା କରାଯାଇଥିବା ଜଣାପଡ଼ିଛି । ବିଶ୍ୱର ସର୍ବବୃହତ ଆର୍ଥିକ ଅନ୍ତର୍ଭୁକ୍ତି ପଦକ୍ଷେପ ସ୍ୱରୂପ ପି.ଏମ୍. ଜନଧନ ଯୋଜନା' ସମସ୍ତ ଭାରତୀୟଙ୍କୁ ବ୍ୟାଙ୍କିଙ୍ଗ୍ ସେବା ସହ ଯୋଡ଼ିବା, ମହିଳାଙ୍କୁ ସଶକ୍ତ କରିବା, ଡି.ବି.ଟିକୁ ସୁଦୃଢ଼ କରିବା ଓ ବ୍ୟାଙ୍କ୍ ଖର୍ଚ୍ଚ ହ୍ରାସ କରିବାରେ ସଫଳ ହୋଇଛି । ଏହି ଯୋଜନାରେ ଗ୍ରାମୀଣ ଏବଂ ଅର୍ଦ୍ଧ ସହରାଞ୍ଚଳରେ ୭୮ ପ୍ରତିଶତ ଆକାଉଣ୍ଟ ଖୋଲାଯାଇଥିବା ବେଳେ ୫୬ ପ୍ରତିଶତ ମହିଳା ବ୍ୟାଙ୍କ୍ ଆକାଉଣ୍ଟ ଖୋଲିବାରେ ସକ୍ଷମ ହୋଇଛନ୍ତି । ବର୍ତ୍ତମାନ ପ୍ରାୟ ପ୍ରତ୍ୟେକ ଗାଁ ଓ ସହରଠାରୁ ୫ କିଲୋମିଟର ଦୂରତା ମଧ୍ୟରେ ବ୍ୟାଙ୍କିଙ୍ଗ୍ ସୁବିଧା ଉପଲବ୍ଧ ହେଉଛି, ଯାହାକି ଦେଶର ବିଭିନ୍ନ ସମ୍ପ୍ରଦାୟର ଲୋକଙ୍କପାଇଁ ଆର୍ଥିକ ସୁବିଧା ଯୋଗାଇବାରେ ସହାୟକ ହେଉଛି ।

ଓଡ଼ିଶାରେ ଏପର୍ଯ୍ୟନ୍ତ ଏହି ଯୋଜନାରେ ୨ କୋଟି ୪୨ ଲକ୍ଷ ୩୬ ହଜାର ୪୧ଟି ବ୍ୟାଙ୍କ ଖାତା ଖୋଲାଯାଇଥିବା ବେଳେ ଏଥିରେ ୧୩ ହଜାର ୩୯୩ କୋଟିରୁ ଅଧିକ ଟଙ୍କା ଜମା ରହିଛି । ୧ କୋଟି ୭୮ ଲକ୍ଷ ୧୬ ହଜାର ୭୨୮ ଜଣ ହିତାଧିକାରୀଙ୍କୁ ରୁପେକାର୍ଡ ମଧ୍ୟ ପ୍ରଦାନ କରାଯାଇଛି ।

# ସଂସ୍କୃତ ଦିବସ

ଭାରତର ପ୍ରାଚୀନ ଓ ସମୃଦ୍ଧ ଭାଷା-ସଂସ୍କୃତିର ଗୌରବ, ମହତ୍ତ୍ୱ ଓ ଐତିହ୍ୟକୁ ସ୍ମରଣ କରିବାପାଇଁ ପ୍ରତିବର୍ଷ ଶ୍ରାବଣ ପୂର୍ଣ୍ଣିମାକୁ ବିଶ୍ୱ ସଂସ୍କୃତ ଦିବସ ଭାବେ ପାଳନ କରାଯାଇଥାଏ । ସଂସ୍କୃତ ଭାଷାକୁ ଭାରତୀୟ ଜ୍ଞାନ ଓ ସଂସ୍କୃତିର ମୁଖ୍ୟ ଆଧାର ଭାବେ ବିବେଚନ କରାଯାଏ । ବେଦ, ଉପନିଷଦ, ରାମାୟଣ, ମହାଭାରତ, ପୁରାଣ, ଦର୍ଶନ, ଆୟୁର୍ବେଦ ଓ ବିଭିନ୍ନ ଶାସ୍ତ୍ରୀୟ ଗ୍ରନ୍ଥ ସଂସ୍କୃତ ଭାଷାରେ ରଚନା କରାଯାଇଛି । ଏହି ଭାଷା ଭାରତର ପ୍ରାଚୀନ ଜ୍ଞାନ ପରମ୍ପରାକୁ ସଂରକ୍ଷଣ କରିବା ସହ ଭାରତୀୟ ସାହିତ୍ୟ, ଦର୍ଶନ, ବିଜ୍ଞାନ ଓ କଳାର ବିକାଶରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ କହିଛନ୍ତି, ସଂସ୍କୃତ ଭାରତର ଜ୍ଞାନ, ଦର୍ଶନ ଓ ସଭ୍ୟତାର ଏକ ଚିରନ୍ତନ ଭାଷା । ସଂସ୍କତର ଅମୂଲ୍ୟ ଐତିହ୍ୟର ସଂରକ୍ଷଣ, ପ୍ରଚାର ଓ ପ୍ରସାର ପାଇଁ ସମସ୍ତେ ଆଗେଇ ଆସିବାକୁ ଉପରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି ।

ସଂସ୍କୃତ ଭାରତର ଜ୍ଞାନ, ଚିନ୍ତନ ଓ ସୃଜନଶୀଳତାର ଏକ ନିରନ୍ତର ବାହକ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ଦେଶ ଓ ବିଦେଶରେ ସଂସ୍କୃତ ଶିକ୍ଷା ଓ ଶିକ୍ଷାଦାନ ସହ ଜଡ଼ିତ ଏବଂ ଏହାର ଚିରନ୍ତନ ଜ୍ଞାନଭଣ୍ଡାରକୁ ଭବିଷ୍ୟତ ପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବାପାଇଁ କାର୍ଯ୍ୟରତ ସମସ୍ତଙ୍କୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ ପାଟି କହିଛନ୍ତି, ସଂସ୍କୃତ ଭାରତ ପ୍ରାଚୀନ ଜ୍ଞାନ ପରମ୍ପରା, ଦର୍ଶନ, ସାହିତ୍ୟ ଓ ସଂସ୍କୃତିର ସମୃଦ୍ଧ ପୃଷ୍ଠପୋଷକତା ଗ୍ରହଣ କରେ । ଏହାର ଶାଶ୍ୱତ ବିଚାରଧାରା ଏବଂ ବୈଜ୍ଞାନିକ ଦୃଷ୍ଟିକୋଣ ଆଜି ମଧ୍ଯ ମାନବ ସଭ୍ୟତାକୁ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରୁଛି ।

***Desk***

# ବଳଭଦ୍ର ଜନ୍ମ

ପବିତ୍ର ଗହ୍ମାପୂର୍ଣ୍ଣମୀ ଅବସରରେ ଆଜି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ରାକ୍ଷୀ ଲାଗି ନୀତି ସହ ପ୍ରଭୁ ବଳଭଦ୍ରଙ୍କ ଜନ୍ମୋତ୍ସବ ନୀତି ଅନୁଷ୍ଠିତ ହେବ । ମଧ୍ୟାହ୍ନ ଧୂପ ପରେ ଭଉଣୀ ସୁଭଦ୍ରା ଦୁଇଭାଇ ପ୍ରଭୁ ବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କୁ ରାକ୍ଷୀ ଲାଗି କରାଇବେ । ଶ୍ରୀମନ୍ଦିର ପାଟରା ବିଶୋୟୀ ସେବକଙ୍କଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ର ରାକ୍ଷୀ ଓ ଗୁଆମାଳକୁ ସିଂହାରୀ ସେବକମାନେ ମହାପ୍ରଭୁଙ୍କୁ ଲାଗି କରାଇବାର ପରମ୍ପରା ରହିଛି । ଆଜି ମଧ୍ୟ ପ୍ରଭୁ ସୁଦର୍ଶନ ଚାରି ଆଶ୍ରମକୁ ବିଜେ କରିବେ । ମାର୍କଣ୍ଡ ପୁଷ୍କରିଣୀରେ ବଳଭଦ୍ରଙ୍କ ଜନ୍ମନୀତି ଅନୁଷ୍ଠିତ ହେବ । ନୀତି ଅନୁଯାୟୀ ମାଟିର ବଳଭଦ୍ର ପ୍ରତିମାଙ୍କୁ ପୂଜାପଣ୍ଡା ସେବକ ଜୀବନ୍ୟାସ ଦେବା ପରେ ଜାତକର୍ମ ଅନୁଷ୍ଠିତ ହେବ । ପଞ୍ଚୋପଚାର, ଶୀତଳ ମଣୋହୀ ଓ ବନ୍ଦାପନା କରାଯାଇ ବଳଭଦ୍ରଙ୍କ ମାଟିପ୍ରତିମାକୁ ମାର୍କଣ୍ଡ ପୁଷ୍କରିଣୀରେ ବିସର୍ଜନ କରାଯିବ ।

*Kendrapada/R*

## ରକ୍ଷାବନ୍ଧନ

କେନ୍ଦ୍ରାପଡ଼ା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ପଲ୍ଲିଶ୍ରୀ ମହିଳା ସମିତି ପରିଚାଳିତ ଶିଶୁ ଯତ୍ନ ଅନୁଷ୍ଠାନର ମିଳିତ ସହଯୋଗରେ ରକ୍ଷାବନ୍ଧନ ପାଳନ କରାଯାଇଛି । ପରିବାରଠାରୁ ଦୂରରେ ରହୁଥିବା ଅନ୍ତେବାସୀଙ୍କ ମନରେ ଭାଇଭଉଣୀର ସ୍ନେହ ଓ ପାରିବାରିକ ଭାବନାକୁ ଉଜ୍ଜୀବିତ କରିବାପାଇଁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି ଅବସରରେ ଶିଶୁମାନଙ୍କ ମଧ୍ୟରେ ସ୍ନେହ, ସମ୍ମାନ, ସହାନୁଭୂତି, ମାନବିକତା ଓ ସାମାଜିକ ଦାୟିତ୍ୱବୋଧ ଭଳି ମୂଲ୍ୟବୋଧର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି ।

*Subarnapur/R*

## କ୍ରୀଡ଼ାଦିବସ

ହକିଖେଳାଳି ମେଜର ଧ୍ୟାନଚନ୍ଦଙ୍କ ଜନ୍ମଜୟନ୍ତୀଙ୍କୁ ସ୍ମରଣ କରି ଚଳିତ ବର୍ଷ ଜାତୀୟ କ୍ରୀଡ଼ାଦିବସ ସୁବର୍ଣ୍ଣପୁର ଜିଲ୍ଲାରେ ଆଜିଠାରୁ ଆରମ୍ଭ ହେଉଛି । ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଛନ୍ତି । ତିନିଦିନ ବ୍ୟାପୀ ଚାଲିବାକୁଥିବା ଏହି ଉତ୍ସବରେ ବିଭିନ୍ନ କ୍ରୀଡ଼ାଭିତ୍ତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

***Desk***

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୦ ତାରିଖ ରବିବାର ଦିନ ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ ମନ୍ କୀ ବାତ୍‌ର ୧୩୭ତମ ସଂସ୍କରଣ । ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair, ମୋବାଇଲ୍ Appରେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ । ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଏହାର ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

***Desk***

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ବର୍ଷା ହେବା ନେଇ ୧୩ଟି ଜିଲ୍ଲାକୁ

ସତର୍କ ସୂଚନା ଜାରି କରାଯାଇଛି। ଆଜି ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ।

******